### ଅଜଣା ଗାଡି ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ନାରାୟଣପାଟଣା,ଡି.ଏନ.ଏ.)- ଏକ ଅଜଣା ଗାଡି ଧକ୍କାରେ ଶନିବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ବୃଦ୍ଧା ଜଣକ ହେଲେ ଫୁଲବାଡି ଗ୍ରାମର ଆଙ୍କୁ ପିଡ଼ିକା। ନାରାୟଣପାଟଣା ଥାନା ଅନ୍ତର୍ଗତ ଲଙ୍ଗଲବେଡା ପଞ୍ଚାୟତ ଆନ୍ଧ୍ର ସୀମାନ୍ତ ରେଙ୍ଗା ଗ୍ରାମ ନିକଟରେ ରାସ୍ତା ଉପରେ ଆଙ୍କୁଙ୍କ ମୃତଦେହ ପଡି ରହିଥିଲା। ଏନେଇ କେହି ଥାନାକୁ ଜଣାଇବା ପରେ ଥାନାରେ ଏକ ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

## ପରିଷ୍କାର, ସବୁଜ ପଞ୍ଚାୟତ ଗଠନ ତାଲିମ



ଡାବୁଗାଁ, ୧୯।୧୧ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ଶରତ ମାଝିଙ୍କ ଅଧକ୍ଷତାରେ ପଞ୍ଚାୟତସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲା ପରିଷଦସ୍ତରରେ ଡିସେମ୍ବର ୧୫ ସୁଦ୍ଧା ପ୍ରଥମ ଗ୍ରାମସଭା କରି ଯୋଜନା ପ୍ରସ୍ତୁତ କରିବାକୁ ସ୍ଥିର ହୋଇଛି। ଜାନୁୟାରୀ ୧୬ ତାରିଖ ସୁଦ୍ଧା ଦ୍ୱିତୀୟ ଗ୍ରାମସଭା ଶେଷ ହେବ। ପରିଷ୍କାର ଓ ସବୁଜ ପଞ୍ଚାୟତ ଏବଂ ପର୍ଯ୍ୟାପ୍ତ ଜଳ ପଞ୍ଚାୟତକୁ ପ୍ରାଥମିକତା ଦେଇ ଯୋଜନା ପ୍ରସ୍ତୁତ କରାଯିବା ନେଇ ତାଲିମ ଦିଆଯାଇଥିଲା। ଏଥିରେ ଏବିଡିଓ ପଦ୍ମନାଭ ତ୍ରିପାଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗୋ, ସିଡିପିଓ ଗୀତାଞ୍ଜଳି ମହାରଣା, ବିଇଓ ଶିବଶଙ୍କର ମଣ୍ଡଳ, ଜଳ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ରୋହିତ କିଶାନ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ.ଡି. ପ୍ରସାଦ, ଯୋଗାଣ ନିରୀକ୍ଷକ ସୀତାକାନ୍ତ ରାଉତ, ବନପାଳ ମଧୁସୂଦନ ପାତ୍ର, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଗ୍ରାମରୋଜଗାର ସେବକ, ଶିକ୍ଷୟିତ୍ରୀ ଶିକ୍ଷକ, ଯୋଗାଣ ସହାୟକ, ଅଙ୍ଗନୱାଡି, ଆଶା କର୍ମୀମାନଙ୍କୁ ତାଲିମ ଦିଆଯାଇଥିଲା।

## ପ୍ରାଥମିକ ଶିକ୍ଷକସଂଘର ସ୍ମାରକପତ୍ର

ବୈପାରିଗୁଡା,୧୯।୧୧ (ଡି.ଏନ୍.ଏ.)- ରାଜ୍ୟ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଆହ୍ୱାନକ୍ରମେ ଶନିବାର ବୈପାରିଗୁଡା ବ୍ଲକ ପ୍ରାଥମିକ ଶିକ୍ଷକସଂଘ ପକ୍ଷରୁ ୩ ଦଫା ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହା ପୂର୍ବରୁ ଶିକ୍ଷକମାନଙ୍କ ଏକ ଶୋଭାଯାତ୍ରା ପଶ୍ଚିମେଶ୍ୱର ମନ୍ଦିରଠାରୁ ବାହାରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା।

# ସବିଶେଷ ତଥ୍ୟ ଦେଇପାରିଲେନି ଅଧିକାରୀ

- ବିଭାଗୀୟ କାର୍ଯ୍ୟକୁ ନେଇ ବିଗିଡ଼ିଲେ ବିଧାୟକ, ଅନ୍ୟ ଲୋକ ପ୍ରତିନିଧି
- ହଇଗୋଳ ମଧ୍ୟରେ ଶେଷ ହେଲା ସମିତି ବୈଠକ

ଉମରକୋଟ, ୧୯।୧୧(ସ୍ୱ.ପ୍ର.)

ଉମରକୋଟ ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଉମରକୋଟ ବିଧାୟକ ପ୍ରତିନିଧି ସୟଦ କାଜାମ ମଦାନୀ, ବ୍ଲକ ଅଧକ୍ଷା ସୁଶୀଳା ମାଝି, ଉପାଧକ୍ଷ ଶ୍ୟାମଳ ସରକାର, ବିଡିଓ ଡ. ହିମାଞ୍ଚଳ ମାଝି, ଜିଲା ପରିଷଦ ସଭ୍ୟ ଡାଲିମ୍ବ ଭତ୍ରା, ଛାୟା ବିଶ୍ୱାସ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ମୋଟ ୧୬ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

ବୈଠକରେ ଉପସ୍ଥିତ ସମିତି ସଭ୍ୟ, ସରପଞ୍ଚ, ଜିଲା ପରିଷଦ ସଭ୍ୟ, ବିଧାୟକ ଏବଂ ଜନ ପ୍ରତିନିଧିମାନେ ବିଭିନ୍ନ ବିଭାଗର କାର୍ଯ୍ୟ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପଞ୍ଚାୟତରେ ସମିତି ସଭ୍ୟମାନଙ୍କୁ କୌଣସି କାମରେ ସାମିଲ କରାଯାଉ ନ ଥିବା ସମିତି ସଭ୍ୟ ବିକ୍ରମ ସିଂ ଅଭିଯୋଗ କରିଥିଲେ।



ବୈଠକରେ ମଞ୍ଚାସୀନ ଅତିଥିମାନେ।

ଆଗାମୀ ଦିନରେ ସମସ୍ତ ଉନ୍ନୟନ କାମରେ ସମିତି ସଭ୍ୟଙ୍କୁ ସୂଚନା ଦିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ଅମୃତ ସରୋବର ପୋଖରୀ କାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବଦଳରେ କାହିଁକି ସିଏଫ୍‌ସି ନାମରେ ସୂଚନା ଫଳକ ଲଗାଯାଉଛି। ଗ୍ରାମାଞ୍ଚଳରେ ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତରାରେ କାମ ଚାଲିଛି। ସରପଞ୍ଚ ଏହା ଜାଣୁନାହାନ୍ତି ବୋଲି କେତେଜଣ ସଭ୍ୟ ପ୍ରଶ୍ନ କରିଥିଲେ। କାରାଗାଁ ପଞ୍ଚାୟତ ଡୁରକିଗୁଡାରେ ପିଲାଙ୍କ ପାଇଁ ସ୍କୁଲ ନାହିଁ। ତେଣୁ ପିଲାମାନେ ପ୍ରାୟ ୨ କିଲୋମିଟର ରାସ୍ତା ଚାଲି ଅନ୍ୟ ସ୍କୁଲକୁ ଯାଉଛନ୍ତି। ତୁରନ୍ତ ଏ ଦିଗରେ ଧ୍ୟାନ ଦେବାକୁ ଆଲୋଚନା ହୋଇଛି। ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଗ୍ରାମ୍ୟ ଉନ୍ନୟନ ବିଭାଗ ଠିକ୍‌ଭାବେ ସର୍ଭେ କରୁନ ଥିବାରୁ କିଛି ଗ୍ରାମକୁ ରାସ୍ତା ପହଞ୍ଚି ପାରୁନାହିଁ ବୋଲି ଅଭିଯୋଗ କରିଥିଲେ। ବିଧାୟକ ପ୍ରତିନିଧି କାଜମ ମାଦାନୀ କେନ୍ଦ୍ର ସରକାରଙ୍କ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରିଥିଲେ। ଆଇସି କାର୍ଯ୍ୟକ୍ରମ ପାଇଁ ଲକ୍ଷ, ଲକ୍ଷ ଟଙ୍କା ଆସୁଛି କିନ୍ତୁ ପ୍ରଚାରପ୍ରସାର କରାଯାଉ ନାହିଁ ବୋଲି ସେ ଅଭିଯୋଗ କରିଥିଲେ। ବିଶେଷକରି କୃଷି ବିଭାଗ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଗ୍ରାମ୍ୟ ଉନ୍ନୟନ, ସମନ୍ୱିତ ଶିଶୁ ବିକାଶ ବିଭାଗ, ଉଦ୍ୟାନ ବିଭାଗ, ମତ୍ସ୍ୟ ବିଭାଗ, ପୂର୍ତ୍ତ ବିଭାଗ କାର୍ଯ୍ୟ ଉପରେ ନାନା ପ୍ରଶ୍ନ ଉଠିଥିବା ବିଭାଗୀୟ ଅଧିକାରୀ ସବିଶେଷ ତଥ୍ୟ ଉପସ୍ଥାପନ କରିବାରେ ବିଫଳ ହୋଇଥିଲେ। ଫଳରେ ହଇଗୋଳ ମଧ୍ୟରେ ଶେଷ ହୋଇଥିଲା ସମିତି ବୈଠକ। କାର୍ଯ୍ୟକ୍ରମକୁ ଜିପିଇଓ ପୁନିତ ରାମ ଗଣ୍ଡ ପରିଚାଳନା କରିଥିଲେ।

## ସହ ଶିକ୍ଷଣ ନେଇ ଭିନ୍ନକ୍ଷମ ମହାସଂଘ ପକ୍ଷରୁ ସଚେତନତା



ସଂଘର ସଭାପତି ଓ ସମ୍ପାଦକ ପିଲାଙ୍କୁ ସଚେତନ କରୁଛନ୍ତି ।

ରାୟଗଡ଼ା ଅଫିସ,୧୯।୧୧

ରାୟଗଡ଼ା ଭିନ୍ନକ୍ଷମ ମହାସଂଘ ପକ୍ଷରୁ ସହ ଶିକ୍ଷଣର ମାନ ବୃଦ୍ଧି ନିମନ୍ତେ ଅଭିନବ ପ୍ରୟାସ ପ୍ରାରମ୍ଭ ହୋଇଛି । ମହାସଂଘର ସଭାପତି ଶିଶିର ରାଉଳ ଓ ସମ୍ପାଦକ ଅମରେନ୍ଦ୍ର ନାଥ ଗୁରୁବାର ଇନ୍ଦିରା ନଗର ସରକାରୀ ୟୁ.ପି. ସ୍କୁଲ ଗସ୍ତ କରିଛନ୍ତି। ଭିନ୍ନକ୍ଷମ ଶିଶୁଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ସହ ସେମାନଙ୍କ ଶିକ୍ଷଣ ଦୀର୍ଘସ୍ଥାୟୀ ଓ ଶିଶୁ ସୁଲଭ କରିବା, ସେମାନଙ୍କ ବିଦ୍ୟାଳୟ ଉପସ୍ଥିତି ନିୟମିତ କରିବା ନିମନ୍ତେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ।

ବିଭିନ୍ନ ଶ୍ରେଣୀକକ୍ଷ ପରିଦର୍ଶନ କରି ଅନୁକୂଳ ପରିବେଶ ଥିବା ପ୍ରକାଶ କରିବା ସହ ଛାତୀଛାତ୍ରୀଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟ ଗୁଡ଼ିକରେ ଥିବା ରାମ୍ପ ଗୁଡ଼ିକର ଉନ୍ନତିକରଣ ଓ ଭିନ୍ନକ୍ଷମ ଶିଶୁ ସୁଲଭ ପରିବେଶ ସୃଷ୍ଟି ନିମନ୍ତେ ସମସ୍ତଙ୍କୁ ସଚେତନ କରାଯାଇଥିବା ସଭାପତି କହିଛନ୍ତି। ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଭିନ୍ନକ୍ଷମ ଶିଶୁଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ଶିକ୍ଷା ବିଭାଗ ପକ୍ଷରୁ ଅଧିକ ପ୍ରୟାସ ଆବଶ୍ୟକ ବୋଲି ସମ୍ପାଦକ କହିଛନ୍ତି। ଭିନ୍ନକ୍ଷମ ପଢୁଥିବା ଜିଲାର ସମସ୍ତ ବିଦ୍ୟାଳୟକୁ ମହାସଂଘର ସଦସ୍ୟ ଭ୍ରମଣ କରି ସ୍ଥିତି ଅନୁଧ୍ୟାନ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ଚେସ୍‌ବକ୍ସିଂ ବିଶ୍ୱକପରେ ସ୍ୱର୍ଣ୍ଣ ଜିଣିଲେ ବିଷମକଟକ ଝିଅ

ବିଷମକଟକ୧୯।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକରୁ କ୍ରୀଡ଼ାବିତ୍ ଦେଶ ତଥା ଦେଶ ବାହାରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ସୁନାମ ଆଣିଛନ୍ତି। ଏଥିରେ ଏବେ ଆଉ ଏକ ନାମ ଯୋଡ଼ି ହୋଇଛି। ତୁର୍କି ଦେଶର ଆଣ୍ଟାଲ୍ୟା ଠାରେ ଆୟୋଜିତ ୪ ର୍ଥ ବିଶ୍ୱ ଚେସ୍ ବକ୍ସିଂ ପ୍ରତିଯୋଗିତାରେ ୫୦ କେଜି ବର୍ଗରେ ବିଷମକଟକର ବି. ଭିନିଲା ଅଂଶଗ୍ରହଣ କରିସ୍ୱର୍ଣ୍ଣପଦକ ପାଇ ଜିଲା, ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଅର୍ଜନ କରିଛନ୍ତି । ଭିନିଲା ପ୍ରଥମେ ଗୁଜରାଟର ଅହମ୍ମଦାବାଦ ଠାରେ ଆୟୋଜିତ ଜାତୀୟ ଚେସ୍‌ବକ୍ସିଂ ପ୍ରତିଯୋଗିତାରେ ପଚାଶ କିଲୋ ବର୍ଗରେ ସ୍ୱର୍ଣ୍ଣପଦକ




ଜିଣି ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ମନୋନିତ ହୋଇଥିଲେ। ଏହାପରେ ୧୨ ରୁ ୧୭ ପର୍ଯ୍ୟନ୍ତ ତୁର୍କିର ଆଣ୍ଟାଲ୍ୟା ଠାରେ ହୋଇଥିବା ବିଶ୍ୱ ସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ କାଜାଖସ୍ତାନ ଏବଂ ରୁଷିଆ ସହ ଖେଳି ଫାଇନାଲରେ ସ୍ୱର୍ଣ୍ଣ ପଦକ ଜିଣିଛନ୍ତି। ଏହି ବିଶ୍ୱକପ ପ୍ରତିଯୋଗିତାରେ ୧୦ ଦେଶର ପ୍ରତିଯୋଗୀ ଭାଗ ନେଇଥିଲେ। ବି. ଭିନିଲା ସ୍ୱର୍ଣ୍ଣ ପଦକ ହାସଲ କରି ନିଜ ଜିଲା ଓ ଗ୍ରାମ ପାଇଁ ଗୌରବ ଆଣିଛନ୍ତି। ସେ ଏବେ ବିଶାଖାପାଟଣାର ସଂସ୍କୃତି ଗ୍ଲୋବାଲ ସ୍କୁଲରେ ଯୁକ୍ତ୨ ବିଜ୍ଞାନ ପଢୁଛନ୍ତି। ପାଠପଢ଼ା ସାଙ୍ଗକୁ ଚେସ୍‌ବକ୍ସି ପାଇଁ ସେ ଦିନରେ ପ୍ରାୟ ୪ ଘଣ୍ଟା ସମୟ ଦେଇ ଅଭ୍ୟାସ ଜାରି ରଖିଥିଲେ। ଏହି ସଫଳତା ପାଇଁ ସେ ବିଦ୍ୟାଳୟର ଅଧକ୍ଷ, କୋଚ୍, ନିଜର ଦୃଢ଼ ପରିଶ୍ରମ, ମା' ବି. ରାମାଦେବୀ ଏବଂ ବାପା ବି. ବିଶ୍ୱେଶ୍ୱରଙ୍କୁ ଶ୍ରେୟ ଦେଇଛନ୍ତି।

## ଆଜି ଫାଇନାଲ ଖେଳିବ ରାୟଗଡ଼ା ଟିମ୍

**ରାଜ୍ୟ ବଲ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍**

ରାୟଗଡ଼ା ଅଫିସ,୧୯।୧୧

ରାଜ୍ୟ ବଲ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପକ୍ଷରୁ ବାଲେଶ୍ୱର ସ୍ଥିତ ଶ୍ରିନିକ୍ସ ଇଞ୍ଜିନିୟରିଂ କଲେଜ ଠାରେ ଆୟୋଜିତ ରାଜ୍ୟ ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ର ଦ୍ୱିତୀୟ ସେମି ଫାଇନାଲ ଏବଂ ଫାଇନାଲ ମ୍ୟାଚ୍ ରବିବାର ଆୟୋଜିତ ହେବ। ରାୟଗଡ଼ା ଟିମ୍ ପୂର୍ବରୁ ଫାଇନାଲରେ ପ୍ରବେଶ କରିଥିବାବେଳେ ରବିବାର ଦ୍ୱିତୀୟ ସେମି ଫାଇନାଲ ଭୁବନେଶ୍ୱର ଏବଂ କଟକ ଟିମ୍ ମଧ୍ୟରେ ଆୟୋଜିତ ହେବ। ଏଥିରେ ବିଜୟୀ ଟିମ୍ ସହ ରାୟଗଡ଼ା ଫାଇନାଲ ମ୍ୟାଚ୍ ଖେଳିବ।



ସୂଚନାଯୋଗ୍ୟ ରାୟଗଡ଼ାର ମହିଳା ଏବଂ ପୁରୁଷ ଦଳ ଭାଗ ନେଇଥିଲେ। ମହିଳା ଦଳ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଥିବାବେଳେ ପୁରୁଷ ଦଳ ପ୍ରଥମ ସେମି ଫାଇନାଲରେ ୩୫-୨୬ ଏବଂ ୩୫-୨୪ ସେଟ୍‌ରେ ପୁରୀକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ରାୟଗଡ଼ା ଟମ୍‌ର ସଫଳତା କାମନା କରି ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ରାୟଗଡ଼ା ପୁରୁଷ ଦଳରେ ବି. ତ୍ରିନାଥ ରାଓ, ଜି ଚନ୍ଦ୍ରଶେଖର, ପବନ କୁମାର ମାଝି, ପି. ସତ୍ୟନାରାୟଣ, ସାଗର ଦଳାଇ, ରାକେଶ ବାରିକ, ବିକାଶ ରେଡ୍ଡୀ, ଲକ୍ଷ୍ମଣ ରାଓ, ତନୁଜ କୁମାର ଏବଂ ଏସ୍. ଗୋବିନ୍ଦ ରାଓ ଖେଳୁଛନ୍ତି।



# ମାଣ୍ଡିଆ ରପ୍ତାନିଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**କୋରାପୁଟ,୧୯।୧୨ (ସ୍ୱ.ପ୍ର.)**

ଏପିଇଡିଏ ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ, ଓଡିଶା ମିଲେଟ ମିଶନ ଏବଂ ପ୍ରଗତି କୋରାପୁଟର ମିଳିତ ସହଯୋଗରେ ଶୁକ୍ରବାର କୋରାପୁଟସ୍ଥିତ ମ୍ୟୁନିସିପାଲିଟି ଅଡିଟୋରିୟମଠାରେ ଜିଲାର କୃଷକ ଉତ୍ପାଦକ ଗୋଷ୍ଠୀ, କୃଷକ ଉତ୍ପାଦକ କମ୍ପାନୀ ଏବଂ ଅଗ୍ରଣୀ କୃଷକମାନଙ୍କ ପାଇଁ ମାଣ୍ଡିଆ ରପ୍ତାନିଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ହୋଇଥିଲା । ଭାରତ ସରକାର ଏବଂ ମିଳିତ ଜାତିସଂଘ ଦ୍ୱାରା ୨୦୨୩କୁ ଆନ୍ତର୍ଜାତିକ ମିଲେଟ ବର୍ଷ ଭାବେ ଘୋଷଣା କରିବା ପରେ ଏପିଇଡିଏ ଅନ୍ୟମାନଙ୍କ ସହାୟତାରେ ମିଲେଟ ଉତ୍ପାଦନ ଓ ରପ୍ତାନିକୁ ୪ ଗୁଣ ବୃଦ୍ଧି କରିବା



ଲାଗି ଯୋଜନା ପ୍ରସ୍ତୁତ କରାଯାଇଛି । କ୍ଷୁଦ୍ର ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ ପୃଥିବୀର ସର୍ବଶ୍ରେଷ୍ଠ। ଏହାର ଶତକଡା ୪୦ ଭାଗ ଅବଦାନ ରହିଛି । ବଢୁଥିବା ଅର୍ଥନୈତିକ ଚାହିଦା ଅନୁସାରେ ଗୁଣାତ୍ମକ କ୍ଷୁଦ୍ର ଶସ୍ୟ ଓ ତାର ଉତ୍ପାଦ ଯୋଗାଇବା ପାଇଁ କୃଷକ ଉତ୍ପାଦକ ଗୋଷ୍ଠୀ / କୃଷକ ଉତ୍ପାଦକ କମ୍ପାନୀ ଓ ଚାଷୀମାନଙ୍କୁ ସଚେତନ ଓ ପ୍ରସ୍ତୁତ କରାଇବାକୁ ଏହା ଓଡିଶାର ଦ୍ୱିତୀୟ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମରେ ଏପିଇଡିଏର ପୂର୍ବାଞ୍ଚଳ ଆଞ୍ଚଳିକ ମୁଖ୍ୟ ସନ୍ଦୀପ ସାହା ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଗାମୀ ୨୦୨୩ରେ ରାଜ୍ୟମାନଙ୍କ ପ୍ରସ୍ତୁତି ଏବଂ ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ବୈଜ୍ଞାନିକ ବିଇଡିଏଫ, ନାବାର୍ଡ, ଓୟୁଏଟି,ଏପିକଲ, ରାଜ୍ୟ କୃଷି ବିଭାଗ, କୃଷିବିଜ୍ଞାନ କେନ୍ଦ୍ରର ପ୍ରତିନିଧି ଏବଂ ଅନ୍ୟ ଅଂଶଗ୍ରହଣକାରୀମାନଙ୍କୁ ସେ ଏ ବିଷୟରେ ଭଲ ଭାବେ ବୁଝାଇଥିଲେ । ପ୍ରଗତିର ସଂପାଦକ ପ୍ରଭାକର ଅଧିକାରୀ ଯୋଗଦେଇ କୃଷକ ଉତ୍ପାଦ ଗୋଷ୍ଠୀମାନଙ୍କୁ ରପ୍ତାନି ପାଇଁ ପ୍ରସ୍ତୁତ କରିବା ଏବଂ କୃଷି ଉଦ୍ୟୋଗକରଣ ଲାଗି ପ୍ରବର୍ତ୍ତାଇବାକୁ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ଯଦି କୃଷକମାନଙ୍କ ଉତ୍ପାଦ ଅନ୍ୟ ଦେଶକୁ ରପ୍ତାନି ହୁଏ ତେବେ କୃଷକମାନେ ନିଶ୍ଚିତଭାବେ ଉପକୃତ ହେବେ। ସେମାନଙ୍କ ଆୟ ବୃଦ୍ଧି ପାଇବ । କୃଷକମାନଙ୍କୁ ଅଧିକ ମୂଲ୍ୟ ସହ ଏଥିରେ ମଧ୍ୟସ୍ଥଙ୍କ ହସ୍ତକ୍ଷେପକୁ ରୋକିବାରେ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ । ରାଜ୍ୟର ନିଜସ୍ୱ ରପ୍ତାନୀର ସୁଯୋଗକୁ ପ୍ରୋତ୍ସାହିତ କରିବା ଏବଂ ଅନ୍ୟ ରାଜ୍ୟର ବନ୍ଦର ଉପରେ ନିର୍ଭରଶୀଳତାକୁ ହ୍ରାସ କରିବା ପାଇଁ ମଧ ଆଲୋଚନା କରାଯାଇଥିଲା । ଏହାଦ୍ୱାରା ଆଭ୍ୟନ୍ତରୀଣ ପରିବହନ ଖର୍ଚ୍ଚ ହ୍ରାସ ପାଇବ । ବୈଠକରେ ଅଗ୍ରଣୀ କୃଷକ, କୃଷକ ଉତ୍ପାଦକ ଗୋଷ୍ଠୀ, କୃଷକ ଉତ୍ପାଦନ କମ୍ପାନୀମାନଙ୍କ ମତାମତ ଗ୍ରହଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଆୟୋଜନରେ କୋରାପୁଟ ଜୈବିକଶ୍ରୀ କୃଷି ଓ କୃଷକ ଉତ୍ପାଦନ କମ୍ପାନୀର ଏମଡି ମୁରଲୀଧର ଅଧିକାରୀ , ପ୍ରଗତିର ମୁଖ୍ୟ କାର୍ଯ୍ୟକ୍ରମ ସଂଯୋଜକ ଡ. ଲୁନା ପଣ୍ଡା, ଏପିଇଡିର ମୁଖ୍ୟ ବୈଜ୍ଞାନିକ ଡ. ରିତେଶ ଶର୍ମା, ଆପିକଲର ଏଇମନୀଶ ପାଣ୍ଡେ, ନାବାର୍ଡ ଡିଜିଏମ୍ ମୁରଲୀ ମୋହନ ବେହେରା, ମିଲେଟ ମିଶନ ବିଶେଷଜ୍ଞ ତାପସ ଚନ୍ଦ୍ର ରାୟଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ମାଓବାଦୀଙ୍କ ବନ୍ଦ ଡାକରା ପ୍ରଭାବହୀନ

ମାଲକାନଗିରି,୧୯।୧୯ (ଡି.ଏନ୍.ଏ.)- କୋରାପୁଟ ଜିଲା ମାଳିପଦର ଜଙ୍ଗଲରେ ପୋଲିସ ଗୁଳିରେ ଦୁଇ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ମାଓବାଦୀମାନେ ଶନିବାର କୋରାପୁଟ ଓ ମାଲକାନଗିରି ଜିଲା ବନ୍ଦ ଡାକରା ଦେଇଥିଲେ। ତେବେ ଏହି ବନ୍ଦ ଡାକରାର କୌଣସି ପ୍ରଭାବ କୋରାପୁଟ ସହ ମାଲକାନଗିରି ଜିଲା ଉପରେ ପଡିନାହିଁ। ବନ୍ଦ ଡାକରା ସତ୍ତ୍ୱେ ଉଭୟ ଜିଲାରେ ଗାଡିମୋଟର ଚଳାଚଳ ସ୍ୱାଭାବିକ ଥିଲା। ବେଲେ ସଦର ମହକୁମାଠାରୁ ଆରମ୍ଭ କରି ପଞ୍ଚାୟତ, ସବୁ ବ୍ଲକର ବ୍ୟବସାୟ ପ୍ରତିଷ୍ଠାନ ସହ ବିଦ୍ୟାଳୟ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ଖୋଲାଥିବା ଦେଖିବାକୁ ମିଳିଥିଲା।

### ଦୁର୍ଘଟଣାରେ ୪ ଆହତ

ଜୟପୁର, ୧୯।୧୧ (ନି.ପ୍ର.)- ଜୟପୁର ସଦର ଥାନା ଅନ୍ତର୍ଗତ ରଣ୍ଡାପାଲ୍ଲି ଠାରେ ଶନିବାର ବସ୍ ଓ ଟ୍ରକ ମୁହାଁମୁହିଁ ଧକ୍କା ହୋଇଛି। ବିଶୋୟୀ ନାମକ ଘରୋଇ ବସ୍ ଯାତ୍ରୀ ଧରି ନବରଙ୍ଗପୁର ଅଭିମୁଖେ ଯାଉଥିବା ବେଳେ ଟ୍ରକଟି ଜୟପୁର ଅଭିମୁଖେ ଆସୁଥିଲା। ଏହି ଦୁର୍ଘଟଣାରେ ୪ ଜଣ ଆହତ ହୋଇଛନ୍ତି। ଜୟପୁର ସଦର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆହାତମାନଙ୍କୁ ଜୟପୁରସ୍ଥିତ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ବିକ୍ଷୋଭ, ଶୋଭାଯାତ୍ରା

ଜୟପୁର, ୧୯।୧୧ (ନି.ପ୍ର.)- ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ଜୟପୁର ଶାଖାର ବିଶାଳ ବିକ୍ଷୋଭ ଶୋଭାଯାତ୍ରା ରଜାନହରଠାରୁ ବାହାରି ମୁଖ୍ୟ ରାସ୍ତା ଦେଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଇଓଙ୍କ ଅନୁପସ୍ଥିତିରେ ଏବିଇଓ ମୃତ୍ୟୁଞ୍ଜୟ ପଣ୍ଡା ଓ ସୁଦର୍ଶନ ନାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷକଙ୍କ ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥାର ଉଚ୍ଛେଦ, ପୁରୁଣା ପେନସନ ସ୍କିମ ପୁନଃ ପ୍ରଚଳନ ସହ ଅନନ୍ୟାନ୍ୟ ଦାବି ରହିଛି। ମହାସଂଘ ଶାଖା ସଭାପତି ସୁଶିଲ ପ୍ରେମ, ଦିଲ୍ଲୀପ ମିଶ୍ର,




ସଂଯୁକ୍ତା ରାଉତ, ସାଗର ତ୍ରିପାଠୀ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦେବୀ ପ୍ରସାଦ ଦାସ ଓ ସମ୍ପାଦକ ମହେଶ୍ୱର ମିଶ୍ର ଉପସ୍ଥିତ ଥିଲେ।

### ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ

ଜୟପୁର/ ଦାମନଯୋଡି, ୧୯।୧୧ (ନି.ପ୍ର./ଡି.ଏନ୍.ଏ.)- ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନଠାରେ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଛି। ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଅବଦାନ ସମ୍ପର୍କରେ ଥିଥିମାନେ ମତବ୍ୟକ୍ତ କର ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ବିକାଶ ରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଖଣି ଓ ପରିଶୋଧନ ପ୍ରକଳ୍ପ ନାଲକୋ ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ୧୦୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଶନିବାର ସକାଳେ ପ୍ରିୟଦର୍ଶିନୀ ପାର୍କରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ନାଲ୍‌କୋ ଅଧିକାରୀ ଓ କର୍ମଚାରୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ନାଲ୍‌କୋ ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ (ଇଡି) ଭୀମସେନ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମୂହ ମହାପ୍ରବନ୍ଧକ ପ୍ରମୋଦ ବେହେରା, ରସିଦ ୱାରିସ, ଭାରପ୍ରାପ୍ତ ସମୂହ ମହାପ୍ରବନ୍ଧକ ମଣିପ୍ରସାଦ ସାମଲ, ସରୋଜ ପଟ୍ଟନାୟକ, ହର ପ୍ରସାଦ ଦାଶ, ସୌରଭ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ନାଲ୍‌କୋ କମନ ୱେଲ୍‌ଫେୟାର କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଡିଜିଏମ୍ ସରୋଜ ନାଥ, କନିଷ୍ଠ ପରିଚାଳକ ଅରୁଣ ମହାନ୍ତି, ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କ ସହିତ ସଦସ୍ୟମାନେ ଉପସ୍ଥିତ ଥିଲେ।

### ଫୁଟବଲ ଟୁର୍ଣ୍ଣାମେଣ୍ଟରେ ନାୟକଗୁଡା ଚାମ୍ପିୟନ

ଜୟପୁର,୧୯।୧୧ (ନି.ପ୍ର.)- ଜୟପୁର ବ୍ଲକ ନାୟକଗୁଡାଠାରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ନାୟକଗୁଡା ଓ ରାବଣଗୁଡ଼ା ମଧ୍ୟରେ ହୋଇଥିଲା ଶମ୍ଭାଶିବା ରାଓଙ୍କ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ନାୟକଗୁଡା ୧-୦ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ରୂପେ ପୂର୍ବତନ ଜିଲା ପରିଷଦ ସଭ୍ୟ ବାଲିଙ୍ଗି ରାଓ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନ୍ୟତମ ଅତିଥି ରୂପେ ସୁଦିପ ପର୍ଦ୍ଦାର, ପୂର୍ବତନ ସରପଞ୍ଚ ତ୍ରିନାଥ ମୁଦୁଲି, ଚିନାଡୁ ରାଓ, ଶ୍ରୀପତି କ୍ରିଷଣି, ପୀତାମ୍ବର ପୂଜାରୀ, ଚନ୍ଦ୍ର ମୁଦୁଲି, ତ୍ରିନାଥ ଜାନୀ, ଦାମୋଦର ମାଝି, ରାମଦାଷ ମାଝି, ଅର୍ଜୁନ ମୁଦୁଲି, କାମଲୁ ପରଜା ଉପସ୍ଥିତ ଥିଲେ।

# ୭ ଜବରଦଖଲକାରୀଙ୍କୁ ଉଚ୍ଛେଦ କଲା ପ୍ରଶାସନ

**ମାଲକାନଗିରି,୧୯।୧୧(ଡି.ଏନ୍.ଏ.)**

ମାଲକାନଗିରି ପୌରାଞ୍ଚଳ ଗୁଣ୍ଡ୍ରିଗୁଡା ଗ୍ରାମରେ ସରକାରୀ ସ୍ଥାନରେ କିଛି ପରିବାର ଗୃହ ନିର୍ମାଣ କରି ରହୁଥିଲେ। ସେମାନଙ୍କୁ ପୌର ପରିଷଦ ପକ୍ଷରୁ ଶନିବାର ଉଚ୍ଛେଦ କରାଯାଇଛି। ପୌର ପରିଷଦ କର୍ମଚାରୀ, ତହସିଲଦାର ଓ ପୋଲିସ ଉପସ୍ଥିତିରେ ଗୁଣ୍ଡ୍ରିଗୁଡା ସରକାରୀ ସ୍ଥାନରେ ବସବାସ କରୁଥିବା ୭ଟି ପରିବାରକୁ ଉଚ୍ଛେଦ କରାଯାଇଥିଲା। ଗତ ଏକ ସପ୍ତାହ ତଳେ ଏହି ପରିବାର ବର୍ଗଙ୍କୁ ସରକାରୀ ସ୍ଥାନ ଖାଲି କରିବାକୁ ନୋଟିସ ଜାରି କରାଯାଇଥିଲା। ମାତ୍ର ସେମାନେ ଏହି ନିର୍ଦ୍ଦେଶକୁ ଅବମାନନା କରି ସ୍ଥାନ ଖାଲି କରି ନ ଥିଲେ। ଫଳରେ ଆଜି ପ୍ରଶାସନ ଗୁଣ୍ଡ୍ରିଗୁଡା ଗ୍ରାମକୁ ଯାଇ ଉପରୋକ୍ତ ପରିବାରଙ୍କୁ ଉଚ୍ଛେଦ କରିଛି।



ଜବରଦଖଲ ଗୃହକୁ ଉଚ୍ଛେଦ କରାଯାଉଛି।

ଏନେଇ ସେଠାରେ ବାସ କରୁଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାସ ପାଇଛି। ଏ ସମ୍ବନ୍ଧରେ ମାଲକାନଗିରି ତହସିଲଦାର ଚନ୍ଦନ କୁମାର ଭୋଇ କହିଛନ୍ତି, ଏହି ୭ ପରିବାରକୁ ସରକାର ପ୍ରତ୍ୟେକଙ୍କୁ ୬ ଏକର ଜାଗା ଘରବାରି ଓ ଚାଷ ପାଇଁ ପ୍ରଦାନ କରିଛନ୍ତି। ସେମାନେ ସହର ନିକଟରେ ରହିବା ପାଇଁ ସରକାରୀ ଜମିକୁ ଜବରଦଖଲ କରି ରହି ଆସୁଥିଲେ। ସପ୍ତାହେ ତଳୁ ସମସ୍ତଙ୍କୁ ନୋଟିସ ଜାରି କରାଯାଇଥିଲେ ସୁଦ୍ଧା ସେମାନେ ଶୁଣି ନ ଥିଲେ। ଯଦ୍ୱାରା ଆଇନ ଅନୁ ଯାୟୀ ଏବେ ସେମାନଙ୍କୁ ଉଚ୍ଛେଦ କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ। ଏହି ଉଚ୍ଛେଦ ସମୟରେ ପୌରାଧକ୍ଷ ମନୋଜ ବାରିକ, ନିର୍ବାହୀ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକଙ୍କ ସହ ପୋଲିସ ଉପସ୍ଥିତ ଥିଲେ।

# ୩-୦ ଗୋଲରେ ସୁନାବେଡ଼ା ବିଜୟୀ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ମାଲକାନଗିରି,୧୯।୧୧(ଡି.ଏନ୍.ଏ.)**

**ଫୁଟବଲ ଟୁର୍ଣ୍ଣାମେଣ୍ଟ**

ମାଲକାନଗିରି ଜିଲା ସଦର ଷ୍ଟାଡିୟମ ପରିସରରେ ଆରମ୍ଭ ହୋଇଥିବା ଅନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିନରେ କୋରାପୁଟ ଜିଲା ସୁନାବେଡା ସହ ମାଲକାନଗିରି ଜିଲା ନୂଆଗୁଡା ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ମାଲକାନଗିରି ସାମ୍ବାଦିକ ସଂଘ ସଭାପତି ଦେବ ପ୍ରସାଦ ଦାସ, ମାଲକାନଗିରି ଉତ୍କଳ ସାମ୍ବାଦିକ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ସୁନାବେଡା ଦଳ ନୂଆଗୁଡା ଦଳକୁ ୩-୦ ଗୋଲରେ ହରାଇ ବିଜୟୀ ହୋଇଥିଲା। ସୂଚନାଯୋଗ୍ୟ, ନୂଆଗୁଡା ଦଳରେ ନାଇଜେରିଆର ୬ଜଣ ଫୁଟବଲ ଖେଳାଳି ସାମିଲ ଥିଲେ। ନାଇଜେରିଆ ଖେଳାଳି ଥିବାରୁ ଖେଳ ଦେଖିବା ପାଇଁ ଷ୍ଟଡିୟମ ପରିସରରେ ପ୍ରବଳ ଜନ ସମାଗମ ହୋଇଥିଲା। ସତବୀର୍ ସିଂ ରିଫେରି ଭାବେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ରାଜେନ୍ଦ୍ର ହିଆଲ ମେମୋରିଆଲ ଫୁଟବଲ କମିଟିର ଜି. ଶ୍ରୀନିବାସ ରାଓ, ଶଙ୍କର ଖିଡି, ଏସ୍. ପ୍ରସାଦ ରାଓ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**କାଲିମେଲା,୧୯।୧୧ (ଡି.ଏନ.ଏ.)**

କାଲିମେଲା ଥାନା ଅନ୍ତର୍ଗତ ଏମପିଭି-୭୧ ଗ୍ରାମର ବିମଲ ସରକାରଙ୍କ ପୁଅ ବିଜୟ (୩୫)ଙ୍କ ବାଇକ ଦୁର୍ଘଟଣାରେ ଶୁକ୍ରବାର ସନ୍ଧ୍ୟାରେ ମୃତ୍ୟୁ ହୋଇଛି। ବିଜୟ ଶ୍ୱଶୁରଘର ଏମପିଭି-୪୫ରୁ ଏକ ବାଇକ୍ ଯୋଗେ ନିଜ ଘର ଅଭିମୁଖେ ଆସୁଥିଲେ। ଗୁମ୍ପାକୋଣ୍ଡା ଭେଜାଙ୍ଗିୱାଡା ରାସ୍ତାର ଏକ କଲଭର୍ଟରେ ପିଟି ହୋଇ ଅଚେତ୍ ହୋଇ ପଡି ରହିଥିଲେ। ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଲୋକେ ତାଙ୍କୁ ଦେଖି ପରିବାର ଲୋକଙ୍କୁ ସୂଚନା ଦେବା ସହ କାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର କାଲିମେଲା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ପ୍ରତିଭା ଅନ୍ୱେଷଣ ସର୍ଗିଫୁଲର ଲକ୍ଷ୍ୟ

**କୋରୁକୋଣ୍ଡା, ୧୯।୧୧(ଡି.ଏନ.ଏ.)**

ମାଲକାଗିରିରେ ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଡ୍ରେଲ ପଞ୍ଚାୟତ ଅଧୀନର ପୋଡ୍ରେଲ ଆଶ୍ରମ ବିଦ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ସର୍ଗିଫୁଲ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନରେ ଥିବା ୫ଟି ଆଶ୍ରମ ବିଦ୍ୟାଳୟରୁ ୧୨୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପୋଡ୍ରେଲ ସରପଞ୍ଚ ଦଇମତି ପଡିଆମି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ଭୀମା ବାର୍ସେ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜୟ ମାଡକାମି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ ବାଉରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆମ ଭାଷା, ସଂସ୍କୃତି ପରମ୍ପରା ବଞ୍ଚାଇ ରଖିବା ସହ ପ୍ରତିଭା ଅନ୍ୱେଷଣ କରିବା ଏହି କାର୍ଯ୍ୟକ୍ରମ ଲକ୍ଷ୍ୟ ବୋଲି ଅତିଥିମାନେ ମତ ଦେଇଥିଲେ। ୬ଟି ବିଭାଗ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ସ୍ଲୋଗାନ ଲିଖନ, ଏକକ ସଙ୍ଗୀତ, ଏକକ ନୃତ୍ୟ, ଦଳଗତ ନୃତ୍ୟ ବିଭାଗରେ ପ୍ରତିଯୋଗିତା କରାଯାଇଥିଲା । ଏକକ ସଙ୍ଗୀତ ବିଭାଗରେ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟର ମମିତ ଖରା ପ୍ରଥମ ହୋଇଥିଲେ। ସେହିପରି ଏକକ ନୃତ୍ୟରେ ପୋଡ୍ରେଲ ଆଶ୍ରମ ବିଦ୍ୟାଳୟର ସରୁପା ଗାଛା, ଚିତ୍ରାଙ୍କନରେ ମାରିୱାଡା ଆଶ୍ରମ ବିଦ୍ୟାଳୟର ସଞ୍ଜୀବ ସୋଡି, ସ୍ଲୋଗାନରେ ହାତୀଆମ୍ବ ଆଶ୍ରମ ବିଦ୍ୟାଳୟର ଯୋଗେଶ୍ୱର ଖରା, ସାଧାରଣ ଜ୍ଞାନରେ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟର ସନ୍ତୋଷ ହନ୍ତାଳ ଓ ଦଳଗତ ନୃତ୍ୟରେ ପୋଡ୍ରେଲ ଆଶ୍ରମ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିଲା। ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରତିଯୋଗିତାଗୁଡ଼ିକୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଡି ମୁଖ୍ୟ ଅତିଥି, ଜିଲା ଶିକ୍ଷା ନିରୀକ୍ଷକ ତ୍ରିଲୋଚନ ଦାସ, ଜୀବନ କୌଶଳ କାର୍ଯ୍ୟକ୍ରମର ଜିଲା ସଂଯୋଜକ ବୀରେନ୍ଦ୍ର ମହାପାତ୍ର, ତ୍ରିଲୋଚନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ମାଝି ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ ବାଉରୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ପଣ୍ଡା ପରିଚାଳନା କରିଥିଲେ।

# ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଶୋଭାଯାତ୍ରା

**ମାଲକାନଗିରି/କୋରୁକୋଣ୍ଡା, ୧୯।୧୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ସଦର ବ୍ଲକରେ ଶନିବାର ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ବିଭିନ୍ନ ଦାବି ନେଇ ଏକ ଶୋଭାଯାତ୍ରା କରିଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ, ଶିକ୍ଷା ସହାୟକ ଓ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକମାନେ ୨୦୦୧ରୁ ଚୁକ୍ତିଭିତ୍ତିକ ଭାବେ ଏପର୍ଯ୍ୟନ୍ତ ଚାକିରି କରି ଆସୁଛନ୍ତି। ସେମାନଙ୍କୁ ଅଦ୍ୟାବଧି ନିୟମିତ କରାଯାଇନାହିଁ। ସେମାନଙ୍କୁ ତୁରନ୍ତ ନିୟମିତ କରି ଦରମା ବୃଦ୍ଧି କରି ୩୫୪୦୦ ଟଙ୍କା କରାଯାଉ। ପେନସନ୍ ଲାଗୁ କରା ଯାଉ ବୋଲି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପ୍ରଶାନ୍ତ ବେହେରା, ଲୋକନାଥ ସାହୁ, ଅରବିନ୍ଦପ୍ରଭା ଜେନାଙ୍କ ସହ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଭାରସାମ୍ୟ ହରାଇ ଓଲଟିଲା ଟ୍ରାକ୍ଟର: ଡ୍ରାଇଭର ମୃତ

**ପଟ୍ଟାଙ୍ଗୀ,୧୯।୧୧(ଡି.ଏନ୍.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ ଗାଙ୍ଗରାଜରପୁର ପଞ୍ଚାୟତର ଘାଟିରାସ୍ତାରେ ଭାରସାମ୍ୟ ହରାଇ ଶନିବାର ଏକ ଟ୍ରାକ୍ଟର ଓଲଟିପଡ଼ିଛି। ଫଳରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ବନମାଳୀ ହନ୍ତାଳ। ଖବରରୁ ଜଣାପଡ଼ିଛି, ଆର୍‌ଡି ବିଭାଗ ପକ୍ଷରୁ ଗାଙ୍ଗରାଜରପୁରରୁ ସେଟାରାଇ ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ଏହାର ଦାୟିତ୍ୱ ଜୟପୁର ଅଞ୍ଚଳର ଓମ୍ ପ୍ରକାଶ ସିଂ ନାମକ ଜଣେ ଠିକାଦାର ନେଇଛନ୍ତି। ସବୁଦିନ ପରି ଶୁକ୍ରବାର ମଧ କାର୍ଯ୍ୟ ଚାଲିଥିଲା। କାର୍ଯ୍ୟସାରି ଠିକାଦାର ସିଂ ଜୟପୁର ଫେରିଯାଇଥିଲେ। କାର୍ଯ୍ୟସ୍ଥଳରେ ରହୁଥିବା ସୁପରଭାଇଜରଙ୍କ ସମେତ ଶ୍ରମିକ ଓ କାର୍ଯ୍ୟରେ ନିୟୋଜିତ ଗାଡ଼ିଗୁଡିକର ଡ୍ରାଇଭରମାନେ ରହିଥିଲେ। ବିଳମ୍ବିତ ରାତିରେ ଟ୍ରାକ୍ଟର ଡ୍ରାଇଭର ବନମାଳୀ କାହାକୁ କିଛି ନ କହି ଟ୍ରାକ୍ଟର (ଓଆର୍୧୦ଇ-୧୯୭୬) ଚଲାଇ ଗାଙ୍ଗରାଜରପୁର ଅଭିମୁଖେ ଆସୁଥିବା ସମୟରେ ଘାଟିରାସ୍ତାର ଏକ ବୁଲାଣିଆ ରାସ୍ତାରେ ଭାରସାମ୍ୟ ହରାଇଥିଲେ। ଫଳରେ ଟ୍ରାକ୍ଟରଟି ଓଲଟିପଡ଼ିଥିଲା । ବନମାଳୀ ଟ୍ରାକ୍ଟର ତଳେ ଚାପିହୋଇ ଗୁରୁତର ଆହତ ହୋଇଥିଲେ। ଦୀର୍ଘ ସମୟ ଧରି ରକ୍ତସ୍ରାବ ହେବାରୁ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ପ୍ରକାଶ କରିଛି। ଦୁର୍ଘଟଣା ସମ୍ପର୍କରେ ଶନିବାର ସକାଳୁ ଜଣାପଡ଼ିବା ପରେ ନିର୍ମାଣସ୍ଥଳରେ ଥିବା ଅନ୍ୟ ସାଥୀମାନେ ଠିକାଦାର ସିଂଙ୍କୁ ଖବର ଦେଇଥିଲେ। ସିଂ ପୋଲିସକୁ ଜଣାଇବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ଡୁମୁରିପୁଟ ଫାଣ୍ଡି ଅଧୀନରେ ଥିବା ନିଗାମାନଗୁଡା ଗ୍ରାମରେ ରହୁଥିବା ବନମାଳୀଙ୍କ ପରିବାରକୁ ଖବର ଦେଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବିଭିନ୍ନ ଯୋଜନାର ସମୀକ୍ଷା କଲେ ବିଧାୟକ

**ନାରାୟଣପାଟଣା, ୧୯।୧୧(ଡି.ଏନ.ଏ.)–**

ନାରାୟଣପାଟଣା ବ୍ଲକ ସମ୍ମିଳନୀ କକ୍ଷରେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନିଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ବିଡିଓ ଅଶିନୀ ମହାପାତ୍ର, ମଞ୍ଚାସୀନ ଥିଲେ। ନାରାୟଣପାଟଣା ବ୍ଲକ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ଉପରେ ଜନସାଧାରଣଙ୍କ ମତାମତ ଲୋଡ଼ି ସମସ୍ୟାର ସମାଧାନ ନେଇ ପଦକ୍ଷେପ ନେବାକୁ ବିଧାୟକ ଜାନି ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟତଃ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ , ବିଦ୍ୟୁତିକରଣ, ସାମାଜିକ ସୁରକ୍ଷା, ଅବକାରୀ, ଜଙ୍ଗଲ, ରାଜସ୍ୱ, ପୋଲିସ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ନର୍ସ ରହିବାକୁ ଘର ନ ଥିବା, ପିଲାଙ୍କ ପାଇଁ ପାର୍କ, ବିଭିନ୍ନ ଅଞ୍ଚଳରେ ରାସ୍ତା ଓ ଗମନାଗମନର ସୁବିଧା, ସାମ୍ବାଦିକ ବୈଠକ ପାଇଁ ଏକ ଗୃହ ଯୋଗାଇ ଦେବାରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ କହିଥିଲେ ।

# ଜିଲାପାଳ, ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦେଲା ସଂଘ

**କୋରାପୁଟ/ନାରାୟଣପାଟଣା/ପଟାଙ୍ଗି/ ଦଶମନ୍ତପୁର/ ମାଥିଲି ୧୯।୧୧(ସ୍ୱ.ପ୍ର./ଡି.ଏନ.ଏ.)**

ରାଜ୍ୟସରକାର ନିକଟରେ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ସ୍ଥାୟୀ କରିଥିବାବେଳେ ୨୦୦୪ରୁ ୨୦୧୩ ମଧ୍ୟରେ ଚୁକ୍ତିଭିତ୍ତିକ ଭାବେ ଜିଲାର ବିଭିନ୍ନ ହାଇସ୍କୁଲରେ ନିଯୁକ୍ତି ପାଇଥିବା ଜିଲାର ୮ଶହ ଶିକ୍ଷୟିତ୍ରୀ ଶିକ୍ଷକ ସୋମନଙ୍କ ବରିଷ୍ଠତା ଭିତିରେ ଦରମା, ପଦୋନ୍ନତି ନ ପାଇବା, ୨୦୧୩ ଚୁକ୍ତିଭିତ୍ତିକ ନିୟମ-୨୦୦୪ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ ଲାଗୁ କରିବା ଆଦି ଦାବି ନେଇ ଶନିବାର ଜିଲାର ନୂତନ ପେନସନ ଯୋଜନା ଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ କୋରାପୁଟ ପକ୍ଷରୁ ଶୋଭାଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅବଦାଲ ଏମ. ଅଖତାର ଏବଂ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ହାଇସ୍କୁଲ ଏନପିଏସ ଶିକ୍ଷକ ଆସୋସିଏଶନର ଜିଲା ସଭାପତି ଆଶିଷ ମହାନ୍ତି ଓ ସମ୍ପାଦକ ସିଦ୍ଧାର୍ଥ ମହାପାତ୍ରଙ୍କ ନେତୃତ୍ୱରେ ଜିଲାର ୧୪ଟି ବ୍ଲକ ଅଞ୍ଚଳର ୮୦୦ ଶିକ୍ଷୟିତ୍ରୀ ଶିକ୍ଷକ ସ୍ଥାନୀୟ ଚନ୍ଦନ ପୋଖରୀଠାରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ଉପରୋକ୍ତ ଦାବିକୁ ନେଇ ଆଗାମୀ ଦିନରେ ସେମାନେ ଭୁବନେଶ୍ୱରଠାରେ ବିଧାନସଭା ସମ୍ମୁଖରେ ଧାରଣା ଦେବେ ବୋଲି ସଂଘ ସଭାପତି ସୂଚନା ଦେଇଛନ୍ତି।

ନାରାୟଣପାଟଣାରେ ଶିକ୍ଷକ ସଂଘର ଏକ ଶୋଭାଯାତ୍ରା ଜଗନ୍ନାଥ ମନ୍ଦିରରୁ ବାହାରି ବଜାର ପରିକ୍ରମା କରିଥିଲା। ବିଇଓଙ୍କ ଅଫିସ ସମ୍ମୁଖରେ ଏକ ସଭା କରିଥିଲେ। ଏହି ଆନ୍ଦୋଳନରେ ସଂଘ ସଭାପତି ପାଲସୁ ତାଡିଙ୍ଗି, ଉପଦେଷ୍ଟା ଜେ. ସତ୍ୟ ନାରାୟଣ, ଏନପିଏସର କାର୍ଯ୍ୟକାରୀ ସଭାପତି ଶ୍ରୀବତ୍ସ ମହାନ୍ତି,ସମ୍ପାଦକ ଦିଲ୍ଲୀପ ବିଡିକା, ଜିଲା ଉପ ସଭାପତି ଅନିଲ ସିରିକାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ସେହିପରି ପଟାଙ୍ଗୀରେ ସ୍ଥାୟୀ ନିଯୁକ୍ତି ସହ ଅନ୍ୟାନ୍ୟ ଦାବି ନେଇ ମିଳିତ ପ୍ରାଥମିକ ଶିକ୍ଷକ ମଞ୍ଚ ଶିକ୍ଷୟିତ୍ରୀ ଶିକ୍ଷକମାନେ ଶନିବାର ସ୍ଥାନୀୟ ହନୁମାନ ମନ୍ଦିର ନିକଟରେ ଏକାଠି ହୋଇଛନ୍ତି। ମଞ୍ଚ ସଭାପତି ବିଶ୍ୱନାଥ ଖରାଙ୍କ ନେତୃତ୍ୱରେ ସେମାନେ ଏକ ଶୋଭାଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓ ଟି. ମିନତିଙ୍କ ଅନୁପସ୍ଥିତିରେ ଏବିଇଓ ରଜନୀକାନ୍ତ ବଡ଼ନାୟକଙ୍କୁ ଦାବିପତ୍ର ଦେଇଛନ୍ତି। ନୂତନ ପେନ୍‌ସନ ଯୋଜନାଭୁକ୍ତ ଏହି ଶିକ୍ଷୟିତ୍ରୀଶିକ୍ଷକମାନେ ସ୍ଥାୟୀ ନିଯୁକ୍ତି ଦାବି କରିବା ସହ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ, ଓପିଏସ୍ ଲାଗୁ କରିବା ଏବଂ ସମାନ କାର୍ଯ୍ୟକୁ ସମାନ ଦରମା ଦେବାକୁ ଦାବି କରିଛନ୍ତି। ୫ଶହରୁ ଉର୍ଦ୍ଧ୍ୱ







କୋରାପୁଟ ଓ ପଟାଙ୍ଗିରେ ଶିକ୍ଷକ ସଂଘ ପକ୍ଷରୁ ଶୋଭାଯାତ୍ରା ।

ଶିକ୍ଷୟିତ୍ରୀ ଶିକ୍ଷକ ଉପରୋକ୍ତ ଦାବିଗୁଡ଼ିକୁ ପୂରଣ ପାଇଁ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଧରି ସ୍ଲୋଗାନ ଦେଉଥିବା ଦେଖିବାକୁ ମିଳିଥିଲା। ସରକାର ସେମାନଙ୍କ ପ୍ରତି ଅଣଦେଖା କଲେ ଆଉ ବରଦାସ୍ତ କରାଯିବ ନାହିଁ । ଆବଶ୍ୟକ ହେଲେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ସହ ଧାରଣା ଦେବାକୁ ପଛାଇବେ ନାହିଁ ବୋଲି ସେମାନେ ଚେତାବନୀ ଦେଇଥିଲେ । ଏହି ସମୟରେ ମଞ୍ଚର ସାଧାରଣ ସମ୍ପାଦକ ମହେଶ୍ୱର ବେହେରା, ଉପଦେଷ୍ଟା ମହେନ୍ଦ୍ର ଭତ୍ରା, ନବୀନ ଚନ୍ଦ୍ର ପଟ୍ଟନାୟକ, ଧରମା ପାତ୍ର, ଉପସଭାପତି ମଞ୍ଜୁଲତା ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ତିନି ଦଫା ଦାବି ନେଇ ଶନିବାର ଦଶମନ୍ତପୁରରେ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଇଓ ଦୟାସିନ୍ଧୁ ବାଘଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ଅଭିମନ୍ୟୁ ପାଡ଼ୀଙ୍କ ନେତୃତ୍ୱରେ ବ୍ଲକର ଶତାଧିକ ଶିକ୍ଷକ ଏକାଠି ହୋଇ ରାଧାକୃଷ୍ଣ ମନ୍ଦିର ଛକଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏହି ସମୟରେ ବରିଷ୍ଠ ଶିକ୍ଷକ ରାଜେନ୍ଦ୍ର ରଥ, ସିଆର୍‌ସିସି ଦୁର୍ଯ୍ୟୋଧନ ସଗର, ଶ୍ରୀବନ୍ତ ରାଉତ, ସିଆର୍‌ସିସି ଅମିତ ତୁରୁକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଯଦି ସରକାର ଏହାକୁ ଗୁରୁତର ନ ଭାବିବେ ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ମାଥିଲି ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରି ଆସୁଛନ୍ତି। ଦରମାରେ ତାରତମ୍ୟ ସହ ଠିକା ନିଯୁକ୍ତି କରି ପରେ ସେମାନଙ୍କୁ ସ୍ଥାୟୀ କରିବା ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏବେ ଅନ୍ୟ ବିଭାଗର ଠିକା କର୍ମଚାରୀଙ୍କୁ ସ୍ଥାୟୀ କରାଯାଉଥିବା ବେଳେ ପ୍ରାଥମିକ ଶିକ୍ଷକଙ୍କୁ ଅଣଦେଖା କରାଯାଉଛି। ଏହାର ପ୍ରତିବାଦରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶନିବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

କୁଦୁରା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମଧ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀମାଞ୍ଚଳ ମିଶ୍ରଙ୍କୁ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଶିକ୍ଷକ ଭବନଠାରୁ ପ୍ରାୟ ୪ଶହ ଶିକ୍ଷକ ଏକ ଶୋଭାଯାତ୍ରରେ ବାହାରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସରକାର ସେମାନଙ୍କ ଦାବି ପୂରଣ ନ କଲେ ଆସନ୍ତା ୨୭ରେ ଭୁବନେଶ୍ୱରରେ ହେବାକୁ ଥିବା ସମାବେଶରେ ସାମିଲ ହେବେ ବୋଲି ଚେତାବନୀ ଦେଇଛନ୍ତି। ନୂତନ ପେନ୍‌ସନ ସ୍କିମ୍‌କୁ ପ୍ରତ୍ୟାହାର କରି ପୁରୁଣା ପେନ୍‌ସନ ସ୍କିମ୍‌ରେ ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ବ୍ଲକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡା, ସମ୍ପାଦକ କେ. କୃଷ୍ଣ ମୋହନ ରାଓ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନ, ମମତା ମହାପାତ୍ର, ଉପ ସଭାପତି ରାକେଶ ଗୁରୁ, ସୁଜିତ ସାହୁ, ସନାତନ ବିଶୋୟୀ,ସୁରେଶ ପାଢ଼ୀ, ସନ୍ୟାସୀ ମିନର ବାଲିଆ, ବିନାୟକ ପଣ୍ଡା, କିଶୋର ପାଳ, ପ୍ରମିଳା ଜାଲି, ଗଙ୍ଗାଧର ତ୍ରିପାଠୀ, ଲକ୍ଷ୍ମୀ ପାଣିଗ୍ରାହୀ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ।

